# ସାହିତ୍ୟ ସାର

## ଦଶମ

## ପୁରୀ

## ୨୦୨୪-୨୫



ପ୍ରସ୍ତୁତି - ମିନତିବାଳା ସାମନ୍ତରାୟ
ସରକାରୀ ଉଚ୍ଚ ବିଦ୍ୟାଳୟ କଣାସ, ପୁରୀ
ଯୋଗାଯୋଗ - ୮୩୨୮୯୪୯୭୮୯

# ସୂଚୀପତ୍ର

## ପଦ୍ୟ


| କ୍ରମାଙ୍କ | ପ୍ରସଙ୍ଗ | କବି/ ଲେଖକ |
|---|---|---|
| ୧ | ବନ୍ଦେ ଉତ୍କଳ ଜନନୀ | ଲକ୍ଷ୍ମୀକାନ୍ତ ମହାପାତ୍ର |
| ୨ | ଭୀମଙ୍କ ସିଂହନାଦ ରଡ଼ି | ସାରଳା ଦାସ |
| ୩ | ରାଘବଙ୍କ ଲଙ୍କା ଯାତ୍ରାନୁକୂଳ | ଉପେନ୍ଦ୍ର ଭଞ୍ଜ |
| ୪ | ଚିଲିକାରେ ସାୟନ୍ତନ ଦୃଶ୍ୟ | ରାଧାନାଥ ରାୟ |
| ୫ | ମଙ୍ଗଳେ ଅଇଲା ଉଷା | ଗଙ୍ଗାଧର ମେହେର |
| ୬ | ଜାଗ ବନ୍ଧନହରା | ଅନନ୍ତ ପଟ୍ଟନାୟକ |
| ୭ | ସର୍ବସଂହା ମାଟି | ବିଦ୍ୟୁତ୍ ପ୍ରଭା ଦେବୀ |


## ଗଦ୍ୟ


| | | |
|---|---|---|
| ୧ | ଜନ୍ମଭୂମି | କୃଷ୍ଣଚନ୍ଦ୍ର ପାଣିଗ୍ରାହୀ |
| ୨ | ସଭ୍ୟତା ଓ ବିଜ୍ଞାନ | ବଂଶୀଧର ସାମନ୍ତରାୟ |
| ୩ | ମାତୃଭାଷା ଓ ଲୋକଶିକ୍ଷା | ଗୋଲୋକ ବିହାରୀ ଧଳ |
| ୪ | ନରେନ୍ ରୁ ବିବେକାନନ୍ଦ | ଶରତ କୁମାର ମହାନ୍ତି |

# -ବନ୍ଦେ ଉତ୍କଳ ଜନନୀ -

"କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର"

ଓଡିଆ ସାହିତ୍ୟକୁ ଚଳଚଂଚଳ କରି ଆଗେଇ ନେବାରେ "କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର" ଅନନ୍ୟ । "ବନ୍ଦେ ଉତ୍କଳ ଜନନୀ" କବିତାର ପ୍ରତିଟି ପାଦରେ କବିଙ୍କର ଭରି ରହିଛି ଜାତୀୟ ଭାବନା । ଯେଉଥିପାଇଁ ଓଡିଶା ସରକାର ୨୦୨୦ ମସିହା ଜୁନ୍ ୭ ତାରିଖରେ ଏହାକୁ ରାଜ୍ୟ ସଙ୍ଗୀତ ମାନ୍ୟତା ପ୍ରଦାନ କରିଛନ୍ତି ।

କବି ଉତ୍କଳ ଜନନୀ ଭାବେ ଆଖ୍ୟାୟିତ କରି ତାଙ୍କର ବନ୍ଦନା କରିବାରେ ଶତମୁଖର ହୋଇଛନ୍ତି । ଉତ୍କଳ ଜନନୀର ହସ ସୁନ୍ଦର, ଭାଷା ମଧ୍ୟ ସୁନ୍ଦର । କେବଳ ସେତିକି ନୁହେଁ, ଉତ୍କଳ ପ୍ରକୃତିର ସୁଷମାମୟ ଦୃଶ୍ୟପଟ ଅତ୍ୟନ୍ତ ମନୋମୁଗ୍ଧକର । ସାଗରର ପବିତ୍ର ଜଳଧାରା ତା'ର ଶରୀରକୁ ଧୌତ କରେ, ତାଳ ତମାଳ ବୃକ୍ଷରାଜି ସାଗର କୂଳରେ ଶୋଭାକୁ ଦ୍ୱିଗୁଣିତ କରେ, ନଦୀ କୂଳରେ ଶୀତଳ ପବନ ମନରେ ରୋମାଂଚ ସୃଷ୍ଟି କରେ । ଘଂଚ ବନଭୂମି ଉତ୍କଳ ଜନନୀ ଶରୀରକୁ ଆବୃତ କରେ । ନୀଳ ପର୍ବତମାଳା ତରଙ୍ଗ ସଦୃଶ ତାଙ୍କ ଶରୀରର ଶୋଭା ବର୍ଦ୍ଧନ କରିଥାଏ । ପକ୍ଷୀମାନଙ୍କର କାକଳିରେ ଆକାଶ ମୁଖରିତ ହୁଏ ।

ବିଚିତ୍ରବର୍ଣ୍ଣା ପ୍ରକୃତିରାଣୀ ଉତ୍କଳର ଶସ୍ୟକ୍ଷେତ ସୁନ୍ଦର ଧାନ୍ୟରେ ପରିପୂର୍ଣ୍ଣ ହୋଇଥାଏ । ଅତ୍ୟନ୍ତ ମନୋହର ଉତ୍କଳ ଭୂମିର ପ୍ରାକୃତିକ ଶୋଭା । ଜ୍ଞାନ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ଏହା ଉଦ୍‌ଭାସିତ । ମୁନି ଋଷି ମାନଙ୍କର କୁଟୀର ବକ୍ଷରେ ଧରି ସେ ବଜାଇ ରଖିଥାଏ ତା'ର ପବିତ୍ରତାକୁ । ଏହା ସହ ମାନବଜୀବନକୁ ଧାର୍ମିକ ଭାବନାରେ ଆଚ୍ଛନ୍ନ କରି ରଖିବା ପାଇଁ ଉତ୍କଳ ଜନନୀ ସାଜିଛି ମନ୍ଦିର ମାଳିନୀ । ପୁଣ୍ୟ ତୀର୍ଥର ସଙ୍ଗମସ୍ଥଳ ହେଉଛି ଏହି ପବିତ୍ର ଉତ୍କଳଭୂମି ।

ଏହାର ବକ୍ଷରେ ଅନେକ ଜ୍ଞାନୀ,ଗୁଣୀ,ଶୂରବୀର ଉତ୍କଳ ଜନନୀର କୋଳ ମଣ୍ଡନ କରି ଉତ୍କଳର ଗୌରବକୁ ବିଶ୍ୱ ଦରବାରରେ ବଜାୟ ରଖିଛନ୍ତି । ଏହା ସହ ଶରଣଦାତ୍ରୀ ରୂପେ ବିଶ୍ୱବିଦିତା । ସେଥିପାଇଁ ଉତ୍କଳମାତା ଚିର ବନ୍ଦନୀୟ ଓ ଚିରନମସ୍ୟ ।

# ଭୀମଙ୍କ ସିଂଘନାଦ ରଡି

"ଶୂଦ୍ରମୁନି କବି ସାରଳା ଦାସ"

ଆଲୋଚ୍ୟ କବିତା "ଭୀମଙ୍କ ସିଂଘନାଦ ରଡି" ମହାଭାରତର "ଗଦାପର୍ବ" ରୁ ଆସିଅଛି । ମହାଭାରତ ମହାଯୁଦ୍ଧରେ ମହାମାନୀ ଦୁର୍ଯ୍ୟୋଧନଙ୍କର ସମସ୍ତ ଆତ୍ମୀୟ ସ୍ୱଜନ ବୀରଗତି ପ୍ରାପ୍ତ ହେଲା ପରେ ସେ ନିଃସଙ୍ଗ ହୋଇପଡିଲେ । ପ୍ରାଣରକ୍ଷା ପାଇଁ ବ୍ୟାସ ସରୋବରରେ ଆତ୍ମଗୋପନ କଲେ । ସେ ନିଧନ ନହେବା ପର୍ଯ୍ୟନ୍ତ ପାଣ୍ଡବଙ୍କ ବିଜୟ ଘୋଷଣା ହୋଇପାରିବ ନାହିଁ ।

ଏହି ଭଳି ଏକ ଚିନ୍ତାକୁଳ ପରିସ୍ଥିତିରେ ସର୍ବଜ୍ଞାତ ସହଦେବ ଶ୍ରୀକୃଷ୍ଣଙ୍କୁ କହିଛନ୍ତି ଭୀମସେନ ଶିବଙ୍କୁ ସିଂଘନାଦ ମାଗନ୍ତୁ । ସିଂଘନାଦ ଦେଲେ ଦୁର୍ଯ୍ୟୋଧନ ବ୍ୟାସ ସରୋବରରୁ ନିଶ୍ଚୟ ବାହାରି ଆସି ଯୁଦ୍ଧ କରିବେ ଓ ତାଙ୍କର ନିଧନ ସମ୍ଭବ ହେବ ।

ସହଦେବଙ୍କ ପରାମର୍ଶକ୍ରମେ ଭୀମସେନ ମହାଦେବଙ୍କୁ ଆରାଧନା କଲେ । ତାଙ୍କ ଆରାଧନାରେ ଶିବଙ୍କ ଆସ୍ଥାନ କମ୍ପି ଉଠିଲା । ମହାଦେବ – ଭୀମଙ୍କୁ ସିଂଘନାଦ ଦେବା ଉଚିତ୍ ହେବ କି ନା ପାର୍ବତୀଙ୍କ ପରାମର୍ଶ ଲୋଡିଲେ । ଭୋଳାନାଥଙ୍କୁ ପାର୍ବତୀ ଅତୀତ କଥାକୁ ସ୍ମରଣ କରାଇଦେଲେ । ଏକଦା ଅଶ୍ଳେଷା ନାମକ ଏକ ରାକ୍ଷସ କ୍ରୋଧାନ୍ଧ ହୋଇ କୈଳାସ ପର୍ବତକୁ ଉପାଡି ନେଇ ଯାଉଥିଲା । ମହାବଳୀ ଭୀମ ଅଶ୍ଳେଷା ଅସୁର ସହ ଯୁଦ୍ଧ କରି ତାକୁ ବଧ କରିଥିଲେ ଓ କୈଳାସ ପର୍ବତକୁ ରକ୍ଷା କରିଥିଲେ । ଏତଦ୍ ବ୍ୟତୀତ ବିଭିନ୍ନ ସମୟରେ ପାଣ୍ଡବ ମାନେ ମହାଦେବଙ୍କର ଉପକାର କରିଛନ୍ତି । ଉପକାରୀ ଲୋକର ପ୍ରତ୍ୟୁପକାର କରିବା ଉଚିତ୍ ବୋଲି ଦେବୀ ପାର୍ବତୀ ମହାଦେବଙ୍କୁ ବୁଝାଇଥିଲେ ।

ଅଶ୍ଳେଷା ରାକ୍ଷସ କବଳରୁ କୈଳାସକୁ ଉଦ୍ଧାର କରିଥିବାରୁ ମହାଦେବ ଭୀମକୁ ବର ଦେବା ପାଇଁ ବଚନବଦ୍ଧ ହୋଇଥିଲେ । ତାହା ସହିତ ସହଦେବଙ୍କ ପରାମର୍ଶ ଅନୁସାରେ ଭୀମ ମହାଦେବଙ୍କୁ ସନ୍ତୁଷ୍ଟ କରି ସିଂଘନାଦ ପ୍ରାପ୍ତ ହେଲେ ।

ଭୀମଙ୍କର ପ୍ରଥମ ରଡିରେ ଦୁର୍ଯ୍ୟୋଧନଙ୍କର ଅଚିନ୍ତା ନିଦ୍ରା ଭଙ୍ଗ ହେଲା । ଦ୍ୱିତୀୟ ରଡି ତାଙ୍କ ସୁପ୍ତ ଅହଙ୍କାରକୁ ଜାଗ୍ରତ କଲା । ଭୀମଙ୍କ ଦ୍ୱାରା ଏହି ସିଂଘନାଦ ବାଦନ ଦ୍ୱାରା ମହୀମଣ୍ଡଳ କମ୍ପିବାକୁ ଲାଗିଲା । କବିଙ୍କ କଳ୍ପନାରେ ପଦ୍ମ ପତ୍ରରେ ଜଳ ବିନ୍ଦୁ ଯେଉଁଭଳି ଅସ୍ଥିର ହୁଏ, ସେହିଭଳି ପୃଥିବୀର ଅବସ୍ଥା ଅନୁରୂପ ହେଲା । ମା ଲକ୍ଷ୍ମୀଙ୍କର ବାରଣ ସତ୍ତ୍ୱେ ମହାମାନୀ ଦୁର୍ଯ୍ୟୋଧନ ତାଙ୍କର ସତୁରି ଭାର ଗଦାକୁ କାନ୍ଧରେ ପକାଇ ବ୍ୟାସ ସରୋବରରୁ ବାହାରି ଆସିଲେ ।

ବାସ୍ତବରେ ମହାମାନୀ ଦୁର୍ଯ୍ୟୋଧନ ନିଜର ଗର୍ବ ଅହଙ୍କାର ତଥା ଅପରିଣାମଦର୍ଶୀ ବିଚାରଧାରା ଯୋଗୁଁ ସପରିବାର ଧ୍ୱଂସ ହୋଇଥିଲେ ।

# -ରାଘବଙ୍କ ଲଙ୍କା ଯାତ୍ରାନୁକୂଳ-

କବିସମ୍ରାଟ ଉପେନ୍ଦ୍ରଭଞ୍ଜ

କବିସମ୍ରାଟ ଉପେନ୍ଦ୍ରଭଞ୍ଜ ଙ୍କ ରଚିତ "ରାଘବଙ୍କ ଲଙ୍କା ଯାତ୍ରାନୁକୂଳ" ତାଙ୍କର ଶ୍ରେଷ୍ଠକୃତି "ବୈଦେହୀଶ ବିଳାସ" କାବ୍ୟର ଚାଳିଶ ଛାନ୍ଦରୁ ଆନୀତ । "ବ" ଆଦ୍ୟ ନିୟମରେ ରଚିତ ଏହି କାବ୍ୟରେ ପ୍ରଭୁ ଶ୍ରୀରାମଚନ୍ଦ୍ର ଅପହୃତା ଦେବୀ ସୀତାଙ୍କୁ ଲଙ୍କାର ରାଜା ରାବଣଙ୍କ ଠାରୁ ଉଦ୍ଧାର କରିବା ପାଇଁ ଲଙ୍କା ଯାତ୍ରା ନିମନ୍ତେ ଯେଉଁ ପୂର୍ବ ପ୍ରସ୍ତୁତି କରିଥିଲେ ସେହି ପ୍ରସଙ୍ଗରେ ଏହା ବର୍ଣ୍ଣିତ ।

ଲଙ୍କାଧିପତି ରାବଣ ସୀତାଙ୍କୁ ଅପହରଣ କରି ଅଶୋକ ବନରେ ବନ୍ଦୀ କରି ରଖିବା କଥା ହନୁମାନଙ୍କ ଠାରୁ ଜାଣିବା ପରେ ପ୍ରାଣପ୍ରିୟା ସୀତାଙ୍କୁ ଉଦ୍ଧାର କରିବା ପାଇଁ ରାମଚନ୍ଦ୍ର ପ୍ରସ୍ତୁତ ହୋଇଥିଲେ । ଲଙ୍କାକୁ ଯିବା ପଥରେ ମୁଖ୍ୟ ପ୍ରତିବନ୍ଧକ ସିନ୍ଧୁ ଥିଲା । ସିନ୍ଧୁରେ ବନ୍ଧ ନିମନ୍ତେ ନିଜର ଅନୁଗତ ମାନଙ୍କ ସାହାଯ୍ୟରେ ଯେତେସବୁ ପର୍ବତ ନିକ୍ଷେପ କରିଥିଲେ – ତାହା ସବୁ ବୁଡିଗଲା । ବିସ୍ମିତ ହେଲେ ରାଘବ । ଜଳାଧିପତି ବରୁଣ ଙ୍କ ବିନାନୁମତିରେ ତାଙ୍କ ସମ୍ପତିରେ ହସ୍ତକ୍ଷେପ କରିଥିବାରୁ ଏହା ବିଫଳ ହେବାର ଆଶଙ୍କା କରିଥିଲେ । ତେଣୁ, ପ୍ରଭୁ ଶ୍ରୀରାମ ବରୁଣ ଙ୍କୁ ପ୍ରସନ୍ନ କରିବା ପାଇଁ ଉପବାସ ପୂର୍ବକ କୁଶ ଶଯ୍ୟାରେ ଶୟନ କରି ପୂଜାବିଧି ପୂର୍ବକ ପ୍ରାର୍ଥନା କରିବାକୁ ଲାଗିଲେ ।

ରାଜନୀତିର ବ୍ରହ୍ମାସ୍ତ୍ର କୂଟନୀତି । ରାବଣ ଥିଲେ ଜଣେ କୂଟନୀତି ବିଶାରଦ । ସୀତାଙ୍କୁ ଅପହରଣ କରି ସେ ରାମଙ୍କର କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ । ଶ୍ରୀରାମଙ୍କ ଲଙ୍କା ଯାତ୍ରାର ପ୍ରୟାସ ଜାଣି ସେ ତାଙ୍କର ଦୂତ ମନ୍ତ୍ରୀ ଶୁକ – ସାରଣ ଙ୍କୁ ଚାର ରୂପେ ସେଠାକୁ ପଠାଇଥିଲେ । ସେମାନେ ବଡକ ରୂପ ଧାରଣ କରି ସିନ୍ଧୁ ପାରି ହୋଇ ସେଠାରେ ପହଁଚିଥିଲେ । ବାଳୀ ପୁତ୍ର ଅଙ୍ଗଦ ଓ ନିଜର ଅନୁଜ ବିଭୀଷଣ ରାମଚନ୍ଦ୍ରଙ୍କର ଦୁଇଟି ମହାନ୍‌ଶକ୍ତି ଥିଲେ । ଯାହା କି ରାମଚନ୍ଦ୍ରଙ୍କ ବିଜୟର ଅମୋଘ ଅସ୍ତ୍ର ଥିଲେ । ତେଣୁ ସେହି ଦୁଇଟି ଶକ୍ତିକୁ ଦୁର୍ବଳ କରିବା ପାଇଁ ରାବଣ ପ୍ରୟାସ କରିଛନ୍ତି । ବିଭୀଷଣ ଙ୍କ ପାଖକୁ ବାର୍ତା ଦେଇଛନ୍ତି – ବଡଭାଇ ପିତୃତୁଲ୍ୟ, ତାଙ୍କ କଥାକୁ ଧରି କୋପ କରିବା ଅନୁଚିତ । ତାହା ସହିତ ବିଭୀଷଣ ଉଚ୍ଚକୁଳ ତଥା ରାଜପୁତ୍ର ହୋଇ ଜଟାଜୁଟଧାରୀ ଦରିଦ୍ର ବନବାସୀ ରାମଙ୍କ ନିକଟରେ ଶରଣ ନେବା ଅପମାନର କଥା । ରାବଣଙ୍କର ଏହି ବାଣୀରେ କୂଟନୀତି ର ଚାତୁରୀ ରହିଥିଲା । ଅଙ୍ଗ ନିଟକୁ ବାର୍ତା ଥିଲା – ରାମଚନ୍ଦ୍ର ହେଉଛନ୍ତି ତାଙ୍କ ପିତୃହତ୍ୟାକାରୀ । ତେଣୁ ସେ ତାଙ୍କ ଶତ୍ରୁ ପାଖରେ ନରହି ସୁଗ୍ରୀବ ଙ୍କ ସହ ସୈନ୍ୟବଳ ଫେରାଇ ଆଣିବା ଉଚିତ୍ । ସେମାନଙ୍କ ଠାରୁ ଏଭଳି ବଚନ ଶୁଣି ବିଭୀଷଣ ଓ ଅଙ୍ଗଦ ତୀବ୍ରପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସେମାନଙ୍କ ପ୍ରତିକ୍ରିୟାରୁ ଭାଗ୍ୟବଳରେ ଶୁକସାରଣ ବର୍ତିଯିବାର କଥା ପ୍ରକାଶ କରିଛନ୍ତି । ତା' ପରେ ରାବଣ ତାଙ୍କ ଠାରୁ ଶତ୍ରୁ ରାମଚନ୍ଦ୍ରଙ୍କ ଶକ୍ତି ,କୌଶଳ,ସୈନ୍ୟ ସଂଖ୍ୟା ଆଦି ସମ୍ବନ୍ଧରେ ଜାଣି ଆଶ୍ୱସ୍ତି ଲାଭ କରିଥିଲେ ।

ବାସ୍ତବରେ କବିସମ୍ରାଟ ଉକ୍ତ କବିତା ପ୍ରସଙ୍ଗରେ ସମାଜରେ ଶୃଙ୍ଖଳା, ସାଧନା ଓ ନିୟମାନୁବନ୍ଧତା ଦ୍ୱାରା ରାମଚନ୍ଦ୍ର କିଭଳି ଅସାଧ ସିନ୍ଧୁକୁ ପାର ହୋଇ ସୀତା ଦେବୀଙ୍କୁ ଉଦ୍ଧାର କରିଥିଲେ ତାହା ବର୍ଣ୍ଣିତ ।

# ଚିଲିକାରେ ସାୟନ୍ତନ ଦୃଶ୍ୟ

"କବିବର ରାଧାନାଥ ରାୟ"

ଆଧୁନିକ ଓଡିଆ ସାହିତ୍ୟ ର ଯୁଗସ୍ରଷ୍ଟା "କବିବର ରାଧାନାଥ ରାୟ" ସାହିତ୍ୟ ଆକାଶରେ ଅମର ତାରକା ସଦୃଶ । ଆଲୋଚ୍ୟ ପ୍ରସଙ୍ଗଟି କବିଙ୍କର "ଚିଲିକା" ଖଣ୍ଡକାବ୍ୟରୁ ଆସିଅଛି । ଏହାର କିଛି ଅଂଶ "ଚିଲିକା ସାୟନ୍ତନ ଦୃଶ୍ୟ" କବିତାରେ ବର୍ଣ୍ଣିତ । ଏଥିରେ ଚିଲିକାର ସନ୍ଧ୍ୟା ସମୟର ଦୃଶ୍ୟ ସହିତ ମୀନଜୀବୀ ଙ୍କ ଭାବାବେଗ କୁ ଅତ୍ୟନ୍ତ ମନୋହର ସହିତ ବର୍ଣ୍ଣନା କରାଯାଇଅଛି ।

ଚିଲିକା ତୀରବାସୀଙ୍କ ଜୀବନ ଓ ଜୀବିକା ହେଉଛି ଚିଲିକାରୁ ମାଛ ସଂଗ୍ରହ କରିବା । ମାଛ ଧରିବା ଆଶାରେ ଚିଲିକାକୁ ଯାଇଥିବା ମୀନଜୀବୀ ଭାଲେରି ଶିଖରରୁ ସନ୍ଧ୍ୟାର ଆଗମନ ବାର୍ତା ଜାଣିପାରି ଘରକୁ ଫେରିଥାନ୍ତି । ଦୂରରୁ ନୌକାକୁ ସ୍ପଷ୍ଟ ବାରି ହେଉ ନଥିଲେ ମଧ୍ୟ ସେମାନଙ୍କ କଣ୍ଠ ନିଃସୃତ"କବିସୂର୍ଯ୍ୟ ବଳଦେବ ରଥ ଙ୍କ ଗୀତ ଲହରୀ ଏବଂ ଚିଲିକା ଚତୁଃପାର୍ଶ୍ୱର ମନୋରମ ଦୃଶ୍ୟ ଚିଲିକା ସହ ସଂପୃକ୍ତ ଦର୍ଶକ ମନରେ ଭାବନ୍ତର ସୃଷ୍ଟି କରିଥାଏ ।

ପ୍ରକୃତିର ମନୋହର ଦୃଶ୍ୟ ଏଠାରେ ବର୍ଣ୍ଣିତ । ଆସନ୍ନ ସଂନ୍ଧ୍ୟାରେ ମୀନଜୀବୀଙ୍କ ନାବ ଛାୟା ଚିତ୍ରବତ୍ ପ୍ରତୀୟମାନ ହେଉଛି । ନୀଳାମ୍ବୁ ଚିଲିକାର ବକ୍ଷ ଚନ୍ଦ୍ରକିରଣ ଯୁକ୍ତ ହୋଇ ଧଳା ବସ୍ତ୍ର ପରିହିତା ଚାରିଦିଗକୁ ଚାରୋଟି ବଧୂ ସହିତ ତୁଳନା କରାଯାଇଛି । ମୀନ ଆକର୍ଷଣ ଆଶାରେ ଜଳୁଥିବା ମଶାଲ ପାପ ମୂର୍ତି ପରି ଜଣାଯାଉଛି । କାରଣ ସହଜ ସରଳ – ଚାକଚକ୍ୟ ତଥା ଆଡମ୍ବର ମୋହରେ ପଡି ଅଜ୍ଞାନ ମନୁଷ୍ୟ ପାପର ବଶବର୍ତୀ ହୋଇଥାଏ । ଯାହାକୁ କବି ପାପ ଗର୍ତ ବୋଲି କହିଛନ୍ତି ।

ନିଶା ଆଗମନରେ ନିଶ୍ଚଳ ଧରଣୀ ଜଳ- ସ୍ଥଳ ନଭ ଚନ୍ଦ୍ରର ଧବଳ କିରଣରେ ଉଦ୍‌ଭାସିତ ଧବଳ ପାରଦ ଧୌତବତ୍ ଦୃଶ୍ୟମାନ ହେଉଅଛି । କ୍ଷୀର ସାଗରର ଭ୍ରମ ସୃଷ୍ଟିକରୁଥିବା ଚିଲିକାର ବିଶାଳ ଜଳରାଶି ମଧ୍ୟରେ ଗିରିବନର ଚିତ୍ର ଭାସମାନ ସଦୃଶ ଦୃଷ୍ଟି ହେଉଅଛି । ଝିଙ୍କାରୀ ର ଝଙ୍କାର ନିଶାର ପ୍ରଭାବ ବଢାଉଛିନ୍ତି । ସତେକି ଚିଲିକା ବକ୍ଷରେ ଶାନ୍ତିଦେବୀ ଅବସ୍ଥାନ କରିଛନ୍ତି ।

ରାଧାନାଥଙ୍କ ଲେଖନୀରେ ପ୍ରକୃତି କୁ ନାୟିକା ରୂପେ ଚିତ୍ରଣ କରାଯାଇଅଛି । ଚିଲିକାର ସ୍ୱରୂପ ଚିତ୍ରସ୍ୱରୁପ ତଥା ବର୍ଣ୍ଣଉତ୍ସବମୟ ରୂପେ ବର୍ଣ୍ଣିତ ।

# ମଙ୍ଗଳେ ଅଇଲା ଉଷା

"ସ୍ୱଭାବକବି ଗଙ୍ଗାଧର ମେହେର"

ସ୍ୱଭାବକବି ଗଙ୍ଗାଧର ମେହେର ଙ୍କ ରଚିତ "ତପସ୍ୱିନୀ" କାବ୍ୟର ଚତୁର୍ଥ ସର୍ଗର "ମଙ୍ଗଳେ ଅଇଲା ଉଷା" କବିତାଟି ଆନୀତ । ଏଠାରେ କବି ବାଲ୍ମୀକିଙ୍କ ଆଶ୍ରମର ପ୍ରଭାତ କାଳୀନ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ନିଖୁଣ ଭାବେ ବର୍ଣ୍ଣନା କରିଛନ୍ତି ।

ପ୍ରଭୁ ଶ୍ରୀରାମଙ୍କ ଦ୍ୱାରା ନିର୍ବାସିତା ଦେବୀ ସୀତା ରାତ୍ରି ଯାପନ କରିଛନ୍ତି ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ ।ତାଙ୍କ ଦର୍ଶନ କରିବା ପାଇଁ ମଙ୍ଗଳମୟୀ ଉଷା ଦେବୀ ଉପସ୍ଥିତ ହୋଇଛନ୍ତି ଆଶ୍ରମ ପ୍ରାଙ୍ଗଣରେ । ଲାଲ ରଙ୍ଗର ପାଟବସ୍ତ୍ର ପରିହିତା ତଥା ପୁଷ୍ପ ଶୋଭିତା ଉଷାଙ୍କ ଆଗମନରେ ପ୍ରକୃତି ଜୀବନ୍ତ ହୋଇଉଠିଛି । ଉଷାଙ୍କ ଆଗମନୀ ବାର୍ତ୍ତାକୁ ସୂଚାଇ ଦେଇଛି କୋକିଳର ସୁମଧୁର ସ୍ୱର ।

ଦେବୀ ଉଷାଙ୍କ ଆଗମନରେ ସମୀର ସଙ୍ଗୀତ ଗାନ କରୁଛି, ଭ୍ରମର ବୀଣା ବାଦନ କରୁଛି, ସୁରଭି ନୃତ୍ୟ ପରିବେଷଣ କରୁଛି, କୁମ୍ଭାଟୁଆ ସ୍ତବ ପାଠ କରୁଛି , ଶ୍ରେଷ୍ଠ ଭାଟ ରୂପେ କଜଳପାତି ସୁମଧୁର ସ୍ୱରରେ ରାତି ପାହିବାର ସୂଚନା ଦେଉଅଛି । ଏହିଭଳି କମନୀୟ ପ୍ରକୃତିକୁ ଆହୁରି ରମଣୀୟ କରିଦେଇଛି ମୁନିମୁଖ ନିଃସୃତ ବେଦସ୍ୱନ । ଏହିଭଳି କମନୀୟ ପଭାତକାଳୀନ ଦୃଶ୍ୟ ରାଜି ଭିତରେ  ଶୋକସନ୍ତପ୍ତା ସୀତା ଦେବୀଙ୍କ ହୃଦୟରେ ଖୁସି ଭରିଦେବା ପାଇଁ ସ୍ୱର୍ଗୀୟ ସ୍ୱାଗତ ବ୍ୟବସ୍ଥା କରାଯାଇଛି । ସୀତା ଦେବୀଙ୍କୁ ଉପହାର ଦେବା ପାଇଁ ଉଷାଦେବୀ କରପଲ୍ଲବରେ ଧାରଣ କରିଛନ୍ତି ଶିଶିର ରୂପକ ମୁକ୍ତା ।

ସର୍ବ ପ୍ରଥମେ ସୀତା ଦେବୀ ଶଯ୍ୟା ତ୍ୟାଗକରି ଅନୁକମ୍ପା ତଥା ମୁନି କନ୍ୟାଙ୍କ ଗହଣରେ ତମସା ନଦୀକୁ ସ୍ନାନ କରିବାକୁ ଯାଇଛନ୍ତି । ସେଠାରେ ପ୍ରଭାତୀ ତାରା ମଙ୍ଗଳ ରୂପକ ପ୍ରଦୀପ ଜଳାଇ , ସ୍ୱପ୍ରାଙ୍ଗଣରେ ପୁଷ୍ପ ବିଛାଇ  ସୁବାସିତ କାକର ରୂପକ ନୀର ଛିଂଚିଁ, ତମାସା ତରଙ୍ଗ ରୂପକ କରରେ ଦେବୀ ସୀତାଙ୍କୁ ଆଲିଙ୍ଗନ ପୂର୍ବକ କୋଳେଇ ନେଇ ନିଜକୁ ସୌଭାଗ୍ୟବତୀ ମନେକରିଛନ୍ତି ।

ଯଥାର୍ଥ ରେ କବିଙ୍କ ଲେଖନୀରେ ପ୍ରକୃତିର ମାନବୀୟ ଚିତ୍ର ତଥା ସମ୍ବେଦନଶୀଳତାର ଯେଉଁ ପରିପ୍ରକାଶ ଘଟିଛି ତାହା ପାଠକ ମନକୁ କିଣି ପାରିଛି ।

# ଜାଗ ବନ୍ଧନହରା

ଅନନ୍ତ ପଟ୍ଟନାୟକ

କବି ଅନନ୍ତ ପଟ୍ଟନାୟକ ବିପ୍ଳବର କବି । ସାମାଜିକ ପରିବର୍ତ୍ତନ, ସାମ୍ୟବାଦ ଓ ମୁକ୍ତିର ମାର୍ଗ ପାଇଁ ସେ ବିପ୍ଳବକୁ ହିଁ ପନ୍ଥାରୂପେ ଧରି ନେଇଥିଲେ । ଜାଗ ବନ୍ଧନହରା କବିତାର ପ୍ରତିଟି ପଙ୍କ୍ତିରେ ବିପ୍ଳବକୁ ସାର୍ଥକ କରିବା ପାଇଁ ସେ ତରୁଣମାନଙ୍କୁ ଆହ୍ବାନ୍ ଦେଇଛନ୍ତି । ସାଧନ, ଉତ୍ସର୍ଗୀକୃତ ଭାବନା, ତ୍ୟାଗ ଓ ନିଷ୍ଠାର ଆବଶ୍ୟକତାକୁ ଗୁରୁତ୍ୱ ଦେଇଛନ୍ତି ।ଏହି ଦୃଷ୍ଟିରୁ ଆଲୋଚ୍ୟ କବିତା ଏକାଧାରରେ ସମ୍ବୋଧନାତ୍ମକ ଗୀତିକା, ବୈପ୍ଳବିକ ବାର୍ତ୍ତା ବହନ କରି ସମାଜରେ ସାମ୍ୟବାଦର ସ୍ୱର ଫୁଟାଇବାର ପ୍ରୟାସକୁ ଜାରି ରଖିଛନ୍ତି ।

ହେ ନୂତନ ଯୁଗର ତରୁଣ - ତୁମ୍ଭ ଆଗରେ ନିଷ୍ପେଷିତ ସମାଜ ଓ ଅବହେଳିତ ମଣିଷକୁ  ଉଦ୍ଧାର କରିବା ପାଇଁ ମହାପରୀକ୍ଷାର ବେଳ ଉପନୀତ । ତୁମ୍ଭ ମାନଙ୍କର ପ୍ରଚେଷ୍ଟାରେ ଏକ ସାମ୍ୟବାଦ ସମାଜର ରୂପରେଖ ସୃଷ୍ଟି ହୋଇପାରିବ । ତେଣୁ ହେ - ନବୀନଯୁଗର ତରୁଣଗୋଷ୍ଠୀ ନିଜ ଛାତିରୁ ରକ୍ତ ନିଗାଡି ଲକ୍ଷ ଲକ୍ଷ ଅବହେଳିତ ମଣିଷ ମାନଙ୍କ ପାଇଁ ମୁକ୍ତିର ମଶାଲ ଜଳାନ୍ତୁ । ତୁମ୍ଭମାନଙ୍କ ଉଦ୍ୟମରେ ସମାଜରୁ ଜାତିଭେଦ, ଧନୀଗରିବ, ଶାସକ ଶାସିତ ଓ କଷଣ ଦୂଷଣ ଆଦି ଦୂର ହୋଇଯିବ ।

ହେ ଯୁବଗୋଷ୍ଠୀ – ଏହା ହେଉଛି ଆଜିର ସମୟରେ ତୁମ୍ଭମାନଙ୍କ ପାଇଁ ଏକ ବଡ ଆହ୍ବାନ୍ । ଏଥିରେ ଆସିପାରେ ନାନା ପ୍ରତିବନ୍ଧକ । କିନ୍ତୁ ଏହାକୁ ଭ୍ରୂକ୍ଷେପ ନ କରି ତୁମ୍ଭମାନଙ୍କୁ ଆଗକୁ ଯିବାକୁ ପଡିବ । ବନ,ଗିରି,ସାଗର ଲଙ୍ଘି କାରାର ତିମିରକୁ ଚୂର୍ଣ୍ଣୀଭୂତ କରି ସମାଜରେ ମୁକ୍ତିର ମଶାଲକୁ ଜାଳିବାକୁ ହେବ । ଏଠାରେ କବି ଯୁବଗୋଷ୍ଠୀଙ୍କୁ ସନ୍ଧାନୀରୂପେ ଅଭିହିତ କରିଛନ୍ତି । ଯେଉଁମାନେ ସାଧକ, ସନ୍ଧାନୀ ସେମାନଙ୍କ ଯାତ୍ରାପଥରେ ଅନେକ ବାଧାବିଘ୍ନ ଆସିବ । ସବୁ ମୋହ,ମାୟା- ମମତାର ଶିକୁଳିକୁ ପରିହାର କରି ସାମ୍ୟବାଦୀ ସମାଜ ନିର୍ମାଣରେ ବ୍ରତୀ ହେବାକୁ ପଡିବ ।

# ସର୍ବଂସହା ମାଟି

"ବିଦ୍ୟୁତ୍‌ପ୍ରଭା ଦେବୀ"

ନାରୀକବି ବିଦ୍ୟୁତ୍‌ପ୍ରଭାଦେବୀ ଓଡ଼ିଆ ସାହିତ୍ୟ ଜଗତର ଏକ ସାରସ୍ୱତ ପ୍ରତିଭା । "ମାଟି ପାଣି ପବନ" ପୁସ୍ତକରୁ "ସର୍ବଂସହା ମାଟି"କବିତା ବିଷୟଟି ଆନୀତ । ଏହି କବିତାରେ କବୀ ମାଟି ମାଆର ଜୟଗାନ କରିଛନ୍ତି ।

ମାଟି ମାଆ ସର୍ବଂସହା । ସେ ସ୍ନେହମୟୀ ଜନନୀ । ତା'ର ସ୍ନେହ ମମତାକୁ ସମସ୍ତଙ୍କ ଉପରେ ସମାନ ଭାବରେ ବାଂଟି ଦେଇଛି । ତା ବକ୍ଷର ଫୁଲ ଫଳ ସମସ୍ତଙ୍କୁ ଶକ୍ତି ଓ ତୃପ୍ତି ଦିଏ । ଜନନୀ ପରି ସେ ସନ୍ତାନ ମାନଙ୍କ ପାଇଁ ସବୁଜ ଘାସର କୋମଳ ବିଛଣା, ଚେରମୂଳି ଔଷଧ ଓ ହସକଥା ସାଇତି ରଖିଛି ।

ମାଟି ମା ଧୈର୍ଯ୍ୟଶୀଳା । ଶରୀରଟି ପାହାଡ ପଥର ପରି କଠିନ ହେଲେ ମଧ୍ୟ ହୃଦୟଟି କଅଁଳ ପତ୍ର ପରି କୋମଳ । କବୀ ମାଟି ମା ଠାରୁ ଧୈର୍ଯ୍ୟ କ୍ଷମା ଓ ସହନଶୀଳତା ଗୁଣ ଲାଭ କରିବାକୁ ଇଚ୍ଛାକରିଛନ୍ତି । ନିଜେ ସବୁ ଦୁଃଖ ସହି ସଂସାରର କଲ୍ୟାଣ ନିମନ୍ତେ ନିଜକୁ ଉତ୍ସର୍ଗ କରିବାକୁ ଚାହାଁନ୍ତି । ସର୍ବଂସହା ଜନନୀର ସେବାରେ ନିଜକୁ ନିୟୋଜିତ କରିବାକୁ ସଂକଳ୍ପ କରିଛନ୍ତି ।

# ଜନ୍ମଭୂମି

ଡଃ କୃଷ୍ଣଚନ୍ଦ୍ର ପାଣିଗ୍ରାହୀ

ପ୍ରାବନ୍ଧିକ କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ରଚିତ ପୁସ୍ତକ "ପ୍ରବନ୍ଧମାନସ" ରୁ "ଜନ୍ମଭୂମି" ପ୍ରବନ୍ଧଟି ସଂଗୃହୀତ । ପ୍ରାବନ୍ଧିକ ମୟୂରଭଞ୍ଜ ଖିଚିଂ ଠାରେ ଜନ୍ମ ଗ୍ରହଣ କରିଥିଲେ । ସେହି ପଲ୍ଲୀର ପାଣି,ପବନ, ଫଳ ,ମୂଳ ତଥା ଖାଦ୍ୟପେୟରେ ନିଜ ଶରୀରକୁ ବଳିଷ୍ଠ କରିଥିଲେ । ସେହି ଠାରେ ମଧ ଶିକ୍ଷା ଲାଭ କରିଛନ୍ତି । ତେଣୁ ସେହି ପଲ୍ଲୀ ଭୂମି ତାଙ୍କ ପାଇଁ ମାତା , ଧାତ୍ରୀ ଓ ଶିକ୍ଷୟିତ୍ରୀ ରୂପେ ଦାୟିତ୍ୱ ବହନ କରିଛନ୍ତି ।

ଉଚ୍ଚଶିକ୍ଷା ନିମନ୍ତେ ସେ ସହରାଭିମୁଖୀ ହୋଇଛନ୍ତି । ଅର୍ଥାତ୍ ଶିକ୍ଷା ଶେଷ ପରେ କର୍ମସଂସ୍ଥାନରେ ନିଯୁକ୍ତ ହୋଇ ସ୍ଥାୟୀ ଭାବେ ସେହି ଠାରେ ବସତି ସ୍ଥାପନ କରିଛନ୍ତି । ସେହି ଠାରେ ତାଙ୍କର ପୁର୍ନଜନ୍ମ ଘଟିଛି । ଏହି ପ୍ରସଙ୍ଗକୁ ନେଇ ପ୍ରାବନ୍ଧିକ ଏକ ସୁନ୍ଦର ଉଦାହରଣ ମାଧ୍ୟମରେ ବୁଝାଇଛନ୍ତି କି – ଯେଉଁପରି ଜଳର ସୁଅ ଆଗରେ ଶୁଖିଲା ଦୁବଘାସଟିଏ ଆଗକୁ ଭାସି ଯାଇଥାଏ, ଠିକ୍ ସେହିଭଳି ଆଜିର ଶିକ୍ଷିତ ଯୁବସମାଜ ସମୟ ରୂପକ ସୁଅ ଆଗରେ ପଡି ଗାଁରୁ ସହରକୁ ଚାଲି ଆସିଥାନ୍ତି । ବାସ୍ତବରେ ଏହା କେବଳ ପ୍ରାବନ୍ଧିକଙ୍କର ସମସ୍ୟା ନୁହେଁ, ଏହା ସମସ୍ତ ଶିକ୍ଷିତ ସମାଜର ମୁଖ୍ୟ ସମସ୍ୟା ଅଟେ ।

ଗାଁରେ ଏକପରିବାରତ୍ୱ ଭାବ ପୂରି ରହିଥାଏ । ଏଠାରେ ବିଭିନ୍ନ ପର୍ବପର୍ବାଣୀ ମିଳିମିଶି ପାଳନ କରିବାର ଅନୁଭୂତି ନିଆରା ! କୃଷି,ଦୋଳପର୍ବ,ରଜପର୍ବ ଓ ଅନ୍ୟାନ୍ୟ ପର୍ବପର୍ବାଣିରେ ଏକତ୍ରିତ ହୋଇ ଆନନ୍ଦମୁଖର ହୋଇଥାଏ ଗାଁର ପରିବେଶ ! ଏହା "ବସୁଧୈବ କୁଟୁମ୍ବକମ୍" ଭାବନାକୁ ପରିପୁଷ୍ଟ କରେ ।

ଗାଁରେ ଯେଉଁମାନେ ଶିକ୍ଷିତ,ଅର୍ଦ୍ଧଶିକ୍ଷିତ ଯୁବଗୋଷ୍ଠୀ ରହିଲେ – ସେମାନେ ଶାରୀରିକ କାର୍ଯ୍ୟ ପ୍ରତି ଆଗ୍ରହ ଦେଖାଉନାହାଁନ୍ତି । ବିଭିନ୍ନ ରାଜନୈତିକ ଗୋଷ୍ଠୀ ସହିତ ମିଶି ସୁନ୍ଦର ପଲ୍ଲୀ ପ୍ରକୃତିରେ ଅଶାନ୍ତି ଓ ବିଦ୍ରୋହର ବାର୍ତ୍ତା ପ୍ରଦାନ କରନ୍ତି ! ଆଜିର ସମାଜରେ ଗାଁର ପରିବେଶ ଏହିଭଳି ବିଶୃଙ୍ଖଳିତ ତଥା ବିକାଶ ପଥରେ ପ୍ରତିବନ୍ଧକ ସୃଷ୍ଟି କରିଛି ।

ଶେଷରେ ପ୍ରାବନ୍ଧିକ ପୁରାଣର ଏକ ପ୍ରସଙ୍ଗକୁ ଉପସ୍ଥାପନ କରିଛନ୍ତି । ମହାପୁରୁଷ ଶ୍ରୀକୃଷ୍ଣ ତିନିଦିନ ପାଇଁ କଂଟକରି ଚିରଦିନ ପାଇଁ ମଥୁରାକୁ ଚାଲିଯାଇଥିଲେ । ଦ୍ୱାରକା ନଗରୀରେ ରାଜଭୋଗ ତଥା ସାମ୍ରାଜ୍ୟ ବିସ୍ତାର କରିଥିଲେ । ମାତ୍ର ନିଜ ଜନନୀ,ଜନ୍ମଭୂମିକୁ ପ୍ରତାରଣା କରଥିବାରୁ ଶେଷରେ ଧ୍ୱଂସ ମୁଖରେ ପଡିଥିଲେ । ଠିକ୍ ସେହିଭଳି ଶିକ୍ଷିତ ସମାଜ ନିଜ ଜନ୍ମଭୂମି ପ୍ରତି ବିଶ୍ୱାସଘାତକତା କଲେ ତା'ର ଭବିଷ୍ୟତ ପରିଣତି ଭୟାବହ ହେବ । ଏହା ବର୍ତମାନର ଯୁବସମାଜ ପାଇଁ ଏକ ଶିକ୍ଷାପ୍ରଦ ବିଷୟ ଅଟେ ।

# ସଭ୍ୟତା ଓ ବିଜ୍ଞାନ

"ବଂଶୀଧର ସାମନ୍ତରାୟ"

ବିଶିଷ୍ଟ ଶକ୍ଷାବିତ୍, ତଥା ଉଦ୍ଭିଦବିଜ୍ଞାନୀ ତଥା ଯୁକ୍ତିନିଷ୍ଠ ବୈଜ୍ଞାନିକ ପ୍ରବନ୍ଧ ନିର୍ମିତ ପ୍ରାବନ୍ଧିକ "ବଂଶୀଧର ସାମନ୍ତରାୟ"ଓଡ଼ିଆ ସାହିତ୍ୟ ରେ ସୁପରିଚିତ । ପଠିତ ସଭ୍ୟତା ଓ ବିଜ୍ଞାନ ଲେଖକଙ୍କର ଏକ ଯୁକ୍ତି ସମ୍ବଳିତ ମୌଳିକ ପ୍ରବନ୍ଧ । ଉକ୍ତ ପ୍ରସଙ୍ଗରେ ପ୍ରାବନ୍ଧିକ ସଭ୍ୟତା ଓ ବିଜ୍ଞାନ କିପରି ପରସ୍ପର ର ପରିପୂରକ, ସଭ୍ୟତାର ବିକାଶରେ ବିଜ୍ଞାନର ଭୂମିକା ତଥା ଭାରତୀୟ ଓ ବାହ୍ୟ ସଭ୍ୟତା ମଧ୍ୟରେ ସଂପର୍କ ଏ ସବୁ ତୁଳନାତ୍ମକ ଚିତ୍ର ଉକ୍ତ ପ୍ରବନ୍ଧରେ ବର୍ଣ୍ଣନା କରାଯାଇଅଛି ।

ସଭ୍ୟତା ଗୋଟିଏ ଜାତିର ଆଦର୍ଶ ଓ ଲକ୍ଷ୍ୟ । ବିଜ୍ଞାନ ସେହି ଆଦର୍ଶ ପ୍ରାପ୍ତିର ପ୍ରଧାନ ଅବଲମ୍ବନ । ମାନବର ବୈଷୟିକ, ଶାରୀରିକ, ଅଥା ନୈତିକ ଉନ୍ନତି ଓ ଜ୍ଞାନ ସାଧନକୁ ସଭ୍ୟତା ବୋଲି କୁହାଯାଏ । ପ୍ରାଚୀନ ଯୁଗ ଠାରୁ ଆଧୁନିକ ଯୁଗ ତଥା ସଭ୍ୟତାର ଉନ୍ନତିରେ ବିଜ୍ଞାନର ଅବଦାନକୁ ସମସ୍ତେ ସ୍ୱୀକାର କରନ୍ତି ।

ଭାରତୀୟ ମାନେ ଚିରଦିନ ଆତ୍ମସଂଯମ ଓ ଆଧ୍ୟାତ୍ମିକତାକୁ ପ୍ରାଧାନ୍ୟ ଦେଇଛନ୍ତି । ପାଶ୍ଚାତ୍ୟ ସଭ୍ୟତା ଭୋଗବାଦ ଓ ବୈଷୟିକ ଉନ୍ନତିକୁ ଗୁରୁତ୍ୱ ଦେଉଥିଲା ବେଳେ ଭାରତୀୟ ମାନେ ଯୁଗେ ଯୁଗେ ତ୍ୟାଗ ଓ ସଂଯମକୁ ସେମାନଙ୍କ ଜୀବନର ପରମ ଶ୍ରେୟ ରୂପେ ଗ୍ରହଣ କରିଅଛନ୍ତି ।

ଅଧୁନା ସବୁକ୍ଷେତ୍ରରେ ବିଜ୍ଞାନର ପ୍ରଭାବ ସୁପରିଲକ୍ଷିତ । ନିଜ ସ୍ଥଳରେ ପହଁଚିବା ପାଇଁ ମଣିଷ ବିଜ୍ଞାନକୁ ଅବଲମ୍ବନ କରିଛି । ଏହା ଫଳରେ ଦୁଇ ଭାଗରେ ବିଭକ୍ତ ହୋଇଥିବା ବିଜ୍ଞାନ ଯଥା – ଜଡ ଓ ଜୀବ ବିଷୟରେ ମାନବର ଜ୍ଞାନ ସଂପ୍ରସାରିତ ହୋଇଅଛି । ଜଡ ବିଜ୍ଞାନ ଅନ୍ତର୍ଗତ ଗଣିତ ଶାସ୍ତ୍ର ଦ୍ୱାରା ମଣିଷ ବହୁ ଜଟିଳ ସମସ୍ୟାକୁ ସମାଧାନ କରିପାରୁଛି । ପଦାର୍ଥ ଓ ରସାୟନ ବିଜ୍ଞାନ ଦ୍ୱାରା ମହାକାଶ ବିଷୟରେ ଅନେକ ତଥ୍ୟ ଆମ ଜ୍ଞାନ ପରିସର ଭୁକ୍ତ ହୋଇଅଛି । ବିଭିନ୍ନ ଧାତୁକୁ ବ୍ୟବହାର କରି ମଟର, ଜାହାଜ କମ୍ପ୍ୟୁଟର ଆଦି ତିଆରି ବୈଷୟିକ କ୍ଷେତ୍ରରେ ଯଥେଷ୍ଟ ଉନ୍ନତି କରିଛି ।ବିଜ୍ଞାନ ଯୋଗୁଁ ବିରାଟ ସମୁଦ୍ର ଆଜି ଦୁର୍ଲଙ୍ଘ୍ୟ ହୋଇରହି ନାହିଁ କି ଉତ୍ତୁଙ୍ଗ ହିମାଳୟ ଦୁରୂହ ହୋଇ ରହିନାହିଁ । ଜୀବବିଜ୍ଞାନର ଅନୁଶୀଳନ ଫଳରେ ପ୍ରାଣୀର ବିଭିନ୍ନ ଗଠନ ପ୍ରକ୍ରିୟା, କେଉଁ ଶକ୍ତି ବଳରେ ସେମାନେ ଜୀବନର ଅଧିକାରୀ ହୋଇଛନ୍ତି ତାର ମୂଳ ତତ୍ୱ ଜଣାପଡିଛି । ସର୍ବଦା ବିଜ୍ଞାନର ପଥ ହେଉଛି ପରୀକ୍ଷା ଓ ନିରୀକ୍ଷାର ପଥ । ଚରମ ଲକ୍ଷ୍ୟ ସ୍ଥଳରେ ପହଁଚିବାକୁ ବିଜ୍ଞାନ ତାର ପରୀକ୍ଷଣ ଚାଲୁରଖିଛି । ଏହାର ଫଳ ଭବିଷ୍ୟତ ଗର୍ଭରେ ଲୁଚିରହିଅଛି ।

ଶେଷରେ ଅନେକ ମତ ପୋଷଣ କରନ୍ତି ଯେ ବିଜ୍ଞାନ ଯୋଗୁଁ ଆମ୍ଭ ମାନଙ୍କର ଈଶ୍ୱର ବିଶ୍ୱାସ କମିଯାଇଛି । ସର୍ବତ୍ର ସଂଯମର ଅଭାବ ପରଲକ୍ଷିତ ହେଉଅଛି । ବୈଜ୍ଞାନିକ ମାନେ ମାରାତ୍ମକ ଗ୍ୟାସ୍ ଓ ବିସ୍ଫୋରକର ଉଦ୍ଭାବନ କରି ମାନବକୁ ଧ୍ୱଂସ ପଥରେ ପଥରେ ପଥିକ କରିଅଛନ୍ତି ।

ଶେଷରେ ଏହି ସବୁ ବାଦ ବିବାଦ ମଧ୍ୟରେ ପ୍ରାବନ୍ଧିକଙ୍କର ସଭ୍ୟତା ଓ ବିଜ୍ଞାନ ବିଷୟଟିରେ ସଭ୍ୟତାର ଅଗ୍ରଗତିରେ ବିଜ୍ଞାନର ଅବଦାନ ନିଶ୍ଚିତ ତଥା ସମୟ ଆସିବ ଯେତେବେଳେ ପ୍ରତ୍ୟେକ ମଣିଷ ଆଧୁନିକ ସଭ୍ୟତାର ଆଦର୍ଶ ବୁଝିବେ, ସେତେବେଳେ ବିଶ୍ୱ ମାନବିକତା ସୃଷ୍ଟି ହେବ, ପ୍ରତ୍ୟେକ ଙ୍କ ମଧ୍ୟରେ ମୈତ୍ରୀଭାବ ଜାଗ୍ରତ ହେବ ।

# ମାତୃଭାଷା ଓ ଲୋକଶିକ୍ଷା

"ଗୋଲୋକ ବିହାରୀ ଧଳ"

ପ୍ରାବନ୍ଧିକ "ଗୋଲୋକ ବିହାରୀ ଧଳ" ଆଧୁନିକ ଓଡିଶା ପ୍ରବନ୍ଧ ସାହିତ୍ୟରେ ଜଣେ ପ୍ରତିଷ୍ଠିତ ପ୍ରାବନ୍ଧିକ । "ମାତୃଭୂମି ଓ ମାତୃଭାଷା" ତାଙ୍କର ଅଦମ୍ୟ ମୋହରୁ ସୃଷ୍ଟ ତାଙ୍କ ରଚିତ ପ୍ରବନ୍ଧ "ମାତୃଭାଷା ଓ ଲୋକଶିକ୍ଷା" । ଏଥିରେ ପ୍ରାବନ୍ଧିକ ମାତୃଭାଷାର ଶିକ୍ଷା ହିଁ ଦେଶ ଓ ଜାତିର ପରିଚାୟକ ବୋଲି ଉଲ୍ଲେଖ କରିଛନ୍ତି ।

ଆଂଚଳିକ ଭାଷା ଓ ମାତୃଭାଷା ହେଉଛି ଖାଦ୍ୟ ଓ ବସ୍ତ୍ରପରି ଜନତାର ପ୍ରଥମ ପ୍ରୟୋଜନ । "ମାତୃସ୍ତନ୍ୟ ପରି ମାତୃଭାଷା" ଏହା ଗାନ୍ଧିଜୀଙ୍କ ମତ ଥିଲା । "ପ୍ରକୃତି କବି ଗଙ୍ଗାଧର ମେହେର" ଙ୍କ ଭାଷାରେ – ଯେଉଁମାନଙ୍କର ମାତୃଭାଷା ପ୍ରତି ମମତା ନାହିଁ ତାଙ୍କୁ ଅଜ୍ଞାନ କହିବା ଯର୍ଥାଥ ହେବ । ମାତୃଭାଷା ମାଧମରେ ଲୋକମାନଙ୍କ ମଧ୍ୟରେ ଶିକ୍ଷା ଶୀଘ୍ର ପ୍ରସାରିତ ହୋଇଥାଏ । ଗଣତନ୍ତ୍ର ଶାସନକୁ ସୁଦୃଢ କରିବା ମଧ ମାତୃଭାଷା ଶିକ୍ଷାର ପ୍ରୟୋଜନ ରହିଛି । ମାତୃଭାଷାରେ ଯେତେ ଶୀଘ୍ର ଓ ସହଜରେ କାମ କରିହୁଏ, ତାହା ଦ୍ୱିତୀୟଭାଷା ବା ଅନ୍ୟ ଭାଷାରେ ହୋଇପାରିବ ନାହିଁ ।

ସମାଜର ବିଶିଷ୍ଟ ବ୍ୟକ୍ତି ମାନେ ବିଦେଶୀ ଭାଷା ଇଂରାଜୀର ପ୍ରଭାବରେ ନିଜ ମାତୃଭାଷାକୁ ଗୁରୁତ୍ୱ ଦେଉନାହାଁନ୍ତି । ଏମାନେ ସମାଜରେ ବିଶିଷ୍ଟ ବ୍ୟକ୍ତି ହୋଇଥିବାରୁ ଏମାନଙ୍କ କଥାରେ ଗୁରୁତ୍ୱ ଥାଏ । ମାତ୍ର ଭାଷା ପ୍ରସାରରେ ଏମାନେ ନିଜର ବିଶିଷ୍ଟତାକୁ ପ୍ରୟୋଗ କରନ୍ତିନାହିଁ । ଫଳରେ ଜାତି ଓ ଭାଷା ପାଇଁ ଏହା ହିଁ ଘୋର ଦୁର୍ଦ୍ଦିନ ଓ ଦୁର୍ଭାଗ୍ୟର କାରଣ ହୋଇଥାଏ । ଇଂରାଜୀ ଭାଷାର ପ୍ରଭାବରୁ ଆଂଚଳିକ ବା ମାତୃଭାଷା ମୁକ୍ତ ହେଲେ ଏହାର ପ୍ରସାର ହୋଇପାରିବ । ସେଥିପାଇଁ କୁହାଯାଇଛି – ମାତୃଭାଷାରେ ମନୁଷ୍ୟର ଯେଉଁ ସ୍ଫୁର୍ତି ହୁଏ, ଅନ୍ୟ କୌଣସି ଦ୍ୱିତୀୟ ଭାଷାରେ ତାହା ହୁଏ ନାହିଁ । ସେଥିପାଇଁ ଆମ ଦେଶରେ ଜ୍ଞାନ ଭଣ୍ଡାରଟା ଇଂରାଜୀରେ ଥିବାରୁ କୋଟି କୋଟି ଜନତା ଆଖି ଥାଉଁ ଥାଉଁ ଅନ୍ଧ । ବାସ୍ତବରେ ଲୋକଙ୍କ ହାତକୁ କ୍ଷମତା ତାଙ୍କ ନିଜ ଭାଷାରେ ଶାସନକାର୍ଯ୍ୟ ଚଳାଇବା ପାଇଁ ସୁଯୋଗ ନ ଦେଲେ ସେ କ୍ଷମତାର କିଛି ଅର୍ଥ ନାହିଁ ।

ମାତୃଭାଷା ପ୍ରତି ଉଦାସୀନ ହେଉଛି ଆମ ପ୍ରଗତିର ବାଧକ । ଇଂରେଜି ଭାଷାର ବହୁଳ ବ୍ୟବହାର ଫଳରେ ଆଂଚଳିକ ଭାଷା ପ୍ରଧାନ୍ୟ ହରାଇଛି । ବଡ ବରଗଛ ତଳେ ଛୋଟ ବରକୋଳି ଗଛ ଯେପରି ବଢିପାରେ ନାହିଁ, ଠିକ୍ ସେହିପରି ଆଂଚଳିକ ଭାଷାର ଅବସ୍ଥା ହେଇଅଛି । ଯେଉଁଭଳି ବିଜୁଳି ବତି ଜଳୁଥିବା ଯାଏ଼ ଛୋଟ ଦୀପକୁ କେହି ଚାହାଁନ୍ତି ନାହିଁ ।

ଯଥାର୍ଥରେ ଘର ଟେବୁଲ୍ ଉପରେ ଓଡିଆ ବହିଟିଏ ରଖିଲେ ତାହା ପରିବାରର ସମସ୍ତ ସଦସ୍ୟ ଙ୍କ ଦ୍ୱାରା ଆଦୃତ ହୋଇଥାଏ, ଯାହା ଇଂରେଜି ପୁସ୍ତକ ପାଇଁ ପ୍ରଯୁଜ୍ୟ ନୁହେଁ । ସେହିଭଳି ମାତୃଭାଷାରେ କୃଷି ସମ୍ବନ୍ଧୀୟ ବହିଟିଏ କୃଷକ ହାତରେ ପଡିଲେ – ସେ ତାକୁ ପଢି ଚାଷ ବିଷୟରେ ଅଧିକ ଧ୍ୟାନ ଦେଇପାରନ୍ତା । କୃଷି ସମ୍ବନ୍ଧୀୟ ଇଂରେଜିରେ ପ୍ରକାଶିତ ପୁସ୍ତକ ସେ ଚାହିଦା ମେଂଟାଇ ପାରେନାହିଁ । ଏାହା ଦ୍ୱାରା ସରକାରୀ ଯୋଜନା ମଧ ସଫଳ ହୁଅନ୍ତା । ସମସ୍ତ ନିର୍ଦ୍ଦେଶନାମା ନିଜ ଆଂଚଳିକ ଭାଷାରେ ହେଲେ , ସାଧାରଣ ଜନତା ଉପକୃତ ହୁଅନ୍ତେ । ଯେଉଁଭଳି ସୋଭିଏତ୍ ରୁଷ୍ଠରେ ଲୋକଙ୍କୁ ନିଜ ମାତୃଭାଷାରେ ଶାସନ ଚଳାଇବାକୁ ସେ ଦେଶର ସରକାର ତାଙ୍କୁ ଅଧିକାର ଦେଇଛନ୍ତି । ତେଣୁ ମାତୃଭାଷାର ପ୍ରଚଳନ ପ୍ରଶାସନ କ୍ଷେତ୍ରରେ ନହେଲେ ପ୍ରଗତି ଅସମ୍ଭବ । ବାସ୍ତବରେ ଓଡିଆମାନେ ନିଜଭାଷାର ଦୁରବସ୍ଥା ଜନିତ ବଥ ଯନ୍ତ୍ରଣାକୁ ଅନୁଭବ କରି ସେ ଦିଗରେ ଯତ୍ନବାନ୍ ହେଲେ ତାହା ହିଁ ହେବ ଜାତି ଭାଷା ପ୍ରଗତିର ପରିଚାୟକ ।

# - ନରେନ୍‌ରୁ ବିବେକାନନ୍ଦ-

"ଶରତ କୁମାର ମହାନ୍ତି"

ପ୍ରାବନ୍ଧିକ "ଶରତ କୁମାର ମହାନ୍ତି" "ନରେନ୍‌ରୁ ବିବେକାନନ୍ଦ" ପ୍ରବନ୍ଧରେ ସ୍ୱାମୀ ବିବେକାନନ୍ଦ ଙ୍କ ଭାରତଭ୍ରମଣର ଉଦ୍ଦେଶ୍ୟ ଓ ପରିଣତି ସମ୍ପର୍କରେ ଆଲୋକପାତ କରିଛନ୍ତି । ସେ ଥିଲେ ଭାରତୀୟ ସଂସ୍କୃତି, ଦର୍ଶନ ଓ ସମାଜସଂସ୍କାର ର ଏକ ଅସାଧାରଣ ପ୍ରତିଭୂ । ବାଲ୍ୟ ସମୟରୁ ପ୍ରକୃତ ଗୁରୁ ଖୋଜିବା ଏବଂ ଆଧ୍ୟାତ୍ମିକ ମାର୍ଗରେ ଯାଇ ନିର୍ବିକଳ୍ପ ସମାଧି ସାଧନ ପାଇଁ ବେଗ୍ର ଥିଲେ । ବାସ୍ତବରେ ଉପଯୁକ୍ତ ଗୁରୁ ଓ ଯୋଗ୍ୟଶିଷ୍ୟ ର ସଂଯୋଗ ଦୈବନିର୍ଦ୍ଦିଷ୍ଟ । ଗୁରୁ ରୂପେ ଶ୍ରୀ ରାମକୃଷ୍ଣ ଙ୍କ ପରାମର୍ଶ, ଉପଦେଶ ଓ ନିର୍ଦ୍ଦେଶ ଆଦି ତାଙ୍କ ଜୀବନର ଗତିପଥ କୁ ବଦଳାଇ ଦେଲା । ସେ ହେଲେ ସଂସାରତ୍ୟାଗୀ, ସନ୍ନ୍ୟାସୀରୁ ସମାଜସଂସ୍କାରକ ।

ଗରିବଲୋକଙ୍କ ସେବା ମନୋଭାବ ନେଇ ବିବେକାନନ୍ଦ ହିମାଳୟ ଉଦ୍ଦେଶ୍ୟରେ ୧୮୮୬ ମସିହାରେ ପ୍ରଥମ ପରିଭ୍ରମଣରେ ବାହାରିଥିଲେ । ବାଟରେ ସେ ବନାରସ, ଅଯୋଧ୍ୟା, ବୃନ୍ଦାବନ, ଆଗ୍ରା ଓ ଲକ୍ଷ୍ନୌ ଆଦି ସ୍ଥାନ ଭ୍ରମଣ କଲେ । ଆଧ୍ୟାତ୍ମିକ ଅନୁଭୂତି ଅପେକ୍ଷା  ଦରିଦ୍ର ଜନତାଙ୍କ ସହ ପରିଚିତ ହୋଇ ତାଙ୍କ ଦୁଃଖକୁ ବୁଝିବାରେ ବିବେକାନନ୍ଦ ଅଧିକ ଆଗ୍ରହୀ ଥିଲେ ।

ଏହି ଘଟଣାର ଦୁଇବର୍ଷ ପରେ ଦ୍ୱିତୀୟଥର ପୁଣି ଭ୍ରମଣରେ ବାହାରିଲେ । ଦୁଇ ଦୁଇଥର ପରିଭ୍ରମଣରୁ ଲକ୍ଷ୍ୟ କରିଥିଲେ ଯେ - ସମାଜରେ ଥିବା ଗରିବ ମାନଙ୍କ ଦୁଃଖ ଦୂର କରିବା ତାଙ୍କର ପ୍ରଥମ କର୍ତବ୍ୟ । ପାଦରେ ଚାଲି ଚାଲି ଦେଶସାରା ବୁଲିଲେ -- ବାଟରେ ଅନେକ ରାଜା ମହାରାଜା ଙ୍କ ଆତିଥ୍ୟ ଲାଭ କଲେ । କିନ୍ତୁ ଏହା ଅପେକ୍ଷା ସେ ଅଧିକ ଖୁସି ହେଉଥିଲେ - ଦୀନଦୁଃଖୀ ଓ ସାଧାରଣ ଜନତା ଙ୍କ ଘରେ ଅତିଥି ହେବାକୁ ।ମଣିଷ ପାଇଁ ଉଦାର, ସହନ-ଶୀଳ ଦୃଷ୍ଟିକୋଣ ପ୍ରକାଶରେ ବିବେକାନନ୍ଦଙ୍କ ଏହି ପରିଭ୍ରମଣଗତ ଅଭିଜ୍ଞତା ତାଙ୍କୁ ପରବର୍ତୀ ଜୀବନ ଗଠନରେ ବେଶ୍ ସହାୟକ ହୋଇଥିଲା । ସେ ବହୁବିଧ ଲୋକଙ୍କ ସହ ମିଶି ଯେଉଁ ଜ୍ଞାନ ଓ ଅଭିଜ୍ଞତା ଅର୍ଜନ କରିଥିଲେ, ତାହା ଶାସ୍ତ୍ର ପୁରାଣରୁ ମିଳି ନଥାନ୍ତା । ପ୍ରକୃତରେ ଅଭିଜ୍ଞତା ଓ ଅନୁଭୂତିରୁ ଉପଲବ୍ଧ ବିଷୟ ଅଧ୍ୟୟନରୁ ଅର୍ଜିତ ଜ୍ଞାନକୁ କ୍ରିୟାଶୀଳ କରାଏ । ସେ ଦେଶରେ ଯେଉଁଠି ଜ୍ଞାନୀ ପଣ୍ଡିତମାନଙ୍କୁ ଦେଖୁଥିଲେ, ସେଠି କିଛି ଦିନ ଅବସ୍ଥାନ କରି ଜ୍ଞାନ ଆହରଣ କରିବାରେ ବ୍ରତୀ ଥିଲେ । ସମଗ୍ରଦେଶରେ ଗରିବ ଜନତାଙ୍କ ଭୋକିଲା ଅବସ୍ଥାକୁ ଅବଲୋକନ କରି ବିବେକାନନ୍ଦ ଏକ ନୂତନ ଅଭିଜ୍ଞତା ଅର୍ଜନ କରିଥିଲେ । ତାହା ଥିଲା – "ଭୋକିଲା ପେଟରେ ଧର୍ମ ଅନାବଶ୍ୟକ" ।

ଏକଦା କିଛି ପଣ୍ଡିତ ବିବେକାନନ୍ଦଙ୍କ ସହ ସଂସ୍କୃତଭାଷାରେ ଚର୍ଚ୍ଚା କଲାବେଳେ ସ୍ୱାମୀଜୀଙ୍କ ଆଲୋଚନାରେ କିଛି ବ୍ୟାକରଣଗତ ତ୍ରୁଟି ଲକ୍ଷ୍ୟ କରି ପଣ୍ଡିତମାନେ ସ୍ୱାମୀଜୀ ପରାଜୟ ହୋଇଛନ୍ତି, କହି ହୋହାଲ୍ଲା କରିବାକୁ ଲାଗିଲେ । ସେ ସମୟରେ ସ୍ୱାମୀ ଶୁଦ୍ଧାନନ୍ଦ ଗୁରୁ ରାମକୃଷ୍ଣ ପରମହଂସ କହିଥିବା ଗୋଟିଏ କଥା ଉପସ୍ଥାପନ କରିଥିଲେ । ଚିଲ – ଶାଗୁଣା ଖୁବ୍ ଉଚ୍ଚରେ ଉଡିଲେ ବି ତାଙ୍କ ଦୃଷ୍ଟି ତଳେ ଥିବା ମଲା ଶବ ଉପରେ ଥାଏ । ଯେହେତୁ ଏଠାରେ ପଣ୍ଡିତମାନେ ପ୍ରକୃତ ଶାସ୍ତ୍ର ଚର୍ଚ୍ଚା ଅପେକ୍ଷା ଜୟ ପରାଜୟର ସଂକୀର୍ଣ୍ଣ ମାନସିକତାରେ ସୀମିତ ଥିଲେ ।  ଶେଷରେ ସମଗ୍ର ଭାରତ ଭ୍ରମଣ କରି ସ୍ୱାମୀ ବିବେକାନନ୍ଦ ଅଧ୍ୟୟନଅର୍ଜିତ ଜ୍ଞାନ ସହ ନିଜର ଅନୁଭୂତି ଉପାର୍ଜିତ ଓ ଅଭିଜ୍ଞତା ଉପଲବ୍ଧ ଜ୍ଞାନର ସମନ୍ୱୟ କରିପାରିଥିଲେ । ବାସ୍ତବରେ ଏହି ସବୁ ତାଙ୍କୁ ସଂସ୍କାରକ ନରେନ୍ ରୁ ସ୍ୱାମୀ ବିବେକାନନ୍ଦରେ ପରିଣତ କରିଥିଲା ।